1962

ଡିସେମ୍ବର 12

ପି. ଭି. ଗଡବୋଲେ
ବନାମ
ଜଗନ୍ନାଥ ଫକୀରଚାନ୍ଦ

(ଏସ୍. କେ. ଦାସ, ଜେ. ଏଲ୍. କପୁର, ଏ. କେ. ସରକାର,
ଏମ୍. ହିଦାୟତୁଲ୍ଲା ଏବଂ ରଘୁବର ଦୟାଲ, ନ୍ୟାୟମୂର୍ତ୍ତିବୃନ୍ଦ)

*ଆୟକର - ଆୟରୁ ବର୍ତ୍ତିଯାଇଥିବା - କରଧାର୍ଯ୍ୟ ପାଇଁ ପ୍ରତିବନ୍ଧକ - ରକ୍ଷାକାରୀ ବ୍ୟବସ୍ଥା - ଏହାର କାର୍ଯ୍ୟକାରିତା ଏବଂ ସାମ୍ବିଧାନିକତା - ଭାରତୀୟ ଆୟକର ଅଧିନିୟମ, 1922 (1922ର 11),ଧାରା 34 - ଭାରତୀୟ ଆୟକର (ସଂଶୋଧନ) ଅଧିନିୟମ, 1953 (1953ର 25), ଧାରା18, 31— ଭାରତୀୟ ସମ୍ବିଧାନ, ଅନୁଚ୍ଛେଦ 14 ।*

ଅନ୍ୟ ଜଣେ ଟିକସଦାତାଙ୍କ ଆବେଦନ ସମ୍ବନ୍ଧରେ ଅପିଲିୟ ସହ-ଆୟୁକ୍ତଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶର ଅନୁସରଣରେ, ଆୟକର ଅଧିକାରୀ 18 ଫେବୃଆରୀ, 1957 ରେ ଭାରତୀୟ ଆୟକର ଅଧିନିୟମ, 1922 ର ଧାରା 34 (1) ଅନୁଯାୟୀ ଉତ୍ତରଦାତାଙ୍କୁ ମୂଲ୍ୟାଙ୍କନ ବର୍ଷ 1944-45, 1945-46 ଏବଂ 1946-47 ସମ୍ବନ୍ଧରେ ଏକ ନୋଟିସ ଜାରି କରିଥିଲେ । ଉତ୍ତରଦାତା ଯୁକ୍ତି କରିଥିଲେ ଯେ କର ନିର୍ଦ୍ଧାରଣ ବର୍ଷ ସମାପ୍ତ ହେବାର ଚାରି ବର୍ଷ ପରେ ତାଙ୍କ ଉପରେ କରଧାର୍ଯ୍ୟ କରିବା ପାଇଁ ଆୟକର ଅଧିକାରିଙ୍କ କୌଣସି ଅଧିକାରିତା ନାହିଁ । ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ 1953ର ସଂଶୋଧନ ଅଧିନିୟମ ଦ୍ୱାରା ପ୍ରବର୍ତ୍ତିତ ଧାରା 34 (3) ର ଦ୍ୱିତୀୟ ପ୍ରାବଧାନ କାର୍ଯ୍ୟାନୁଷ୍ଠାନକୁ ସୁରକ୍ଷିତ ରଖିଥିଲା ।

ନିର୍ଣ୍ଣୟ ହେଲା ଯେ, (ଦାସ, କପୁର ଏବଂ ସରକାର, ନ୍ୟାୟମୂର୍ତ୍ତିବୃନ୍ଦ, ଭିନ୍ନମତ ରଖିଥିବା ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲା ଏବଂ ନ୍ୟାୟମୂର୍ତ୍ତି ଦୟାଲଙ୍କ ମତାନୁସାରେ), କାର୍ଯ୍ୟାନୁଷ୍ଠାନକୁ ବାରଣ କରାଯାଇଥିଲା ଏବଂ ଧାରା 34 (3) ର ଦ୍ୱିତୀୟ ସର୍ତ୍ତ ଦ୍ୱାରା ସଂରକ୍ଷିତ କରାଯାଇ ନଥିଲା ।

ନ୍ୟାୟମୂର୍ତ୍ତି ଦାସ ଏବଂ ନ୍ୟାୟମୂର୍ତ୍ତି କପୁରଙ୍କ ଦ୍ୱାରା - ଧାରା 34 (3) ର ଦ୍ୱିତୀୟ ପ୍ରାବଧାନ କରଧାର୍ଯ୍ୟ କରିବାର କ୍ଷମତାକୁ ପୁନର୍ଜୀବିତ କରିନଥିଲା ଯାହା ଧାରା 34 (3) ଦ୍ୱାରା ପୂର୍ବରୁ ନିଷିଦ୍ଧ ହୋଇସାରିଥିଲା ।

*ଏସ୍. ସି. ପରାଶର, ଆୟକର ଅଧିକାରୀ ବନାମ ବସନ୍ତସେନ ଦ୍ୱାରକାଦାସ,* [1964] Vol. 1 S.C.R. 29 ଅନୁସରଣ କରାଯାଇଛି ।

ନ୍ୟାୟମୂର୍ତ୍ତି ସରକାରଙ୍କ ଅନୁସାରେ - ଧାରା 34 (3)ର ଦ୍ୱିତୀୟ ସର୍ତ୍ତ ଅସାମ୍ବିଧାନିକ ଥିଲା କାରଣ ଏହା ସମ୍ବିଧାନର ଅନୁଚ୍ଛେଦ 14କୁ ଉଲଂଘନ କରୁଥିଲା ।

*ଆୟକର ଆୟୁକ୍ତ, ବିହାର ଏବଂ ଓଡ଼ିଶା ବନାମ ସର୍ଦ୍ଦାର ଲଖମୀର ସିଂ*, [1964] Vol. 1 S.C.R. 148, ଅନୁସରଣ କରାଯାଇଥିଲା ।

ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲା ଏବଂ ନ୍ୟାୟମୂର୍ତ୍ତି ଦୟାଲଙ୍କ ଅନୁଯାୟୀ - ନୋଟିସ ଏବଂ କାର୍ଯ୍ୟାନୁଷ୍ଠାନ ବୈଧ ଥିଲା । ଏହି କର ନିର୍ଦ୍ଧାରଣ 1953 ମସିହାରେ ସଂଶୋଧିତ ଧାରା 34 (3) ର ଦ୍ୱିତୀୟ ପ୍ରାବଧାନ ଏବଂ 1953ର ସଂଶୋଧନ ଅଧିନିୟମର ଧାରା 31 ଦ୍ୱାରା ପରିଚାଳିତ ହୋଇଥିଲା । 1959ର ସଂଶୋଧନ ଅଧିନିୟମ ବ୍ୟବସ୍ଥା ଦ୍ୱାରା ଏହି ବିଜ୍ଞପ୍ତିକୁ ଆହୁରି ସଂରକ୍ଷିତ ରଖାଯାଇଥିଲା ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 585/1960 ।

ସ୍ୱତନ୍ତ୍ର ଦେୱାନୀ ଆବେଦନ ସଂଖ୍ୟା 1400/1957 ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 4 ସେପ୍ଟେମ୍ବର,1957 ର ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀଙ୍କ ପାଇଁ *କେ. ଏନ୍. ରାଜଗୋପାଳ ଶାସ୍ତ୍ରୀ* ଏବଂ *ପି. ଡି. ମେନନ* ।

ଉତ୍ତରଦାତାଙ୍କ ପାଇଁ *ଜେ. ବି. ଦାଦାଚାଞ୍ଜି, ଓ. ସି. ମାଥୁର* ଏବଂ *ରବିନ୍ଦର ନାରାୟଣ* ।

1962, ଡିସେମ୍ବର 12 । ନ୍ୟାୟମୂର୍ତ୍ତି ଦାସ, ନ୍ୟାୟମୂର୍ତ୍ତି କପୁର, ଏବଂ ନ୍ୟାୟମୂର୍ତ୍ତି ସରକାରଙ୍କ ଦ୍ୱାରା ନିମ୍ନଲିଖିତ ପୃଥକ ରାୟ ପ୍ରଦାନ କରାଯାଇଥିଲା । ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲା ଏବଂ ନ୍ୟାୟମୂର୍ତ୍ତି ରଘୁବର ଦୟାଲଙ୍କ ରାୟ ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

ନ୍ୟାୟମୂର୍ତ୍ତି ଏସ୍. କେ. ଦାସ - ଏହି ଆବେଦନର ତଥ୍ୟଗୁଡିକ ମୋର ବିଦ୍ୱାନ ଭ୍ରାତା ନ୍ୟାୟମୂର୍ତ୍ତି କପୁରଙ୍କ ଦ୍ୱାରା ଦର୍ଶାଯାଇଛି, ଯେହେତୁ ମୁଁ ତାଙ୍କ ସହ ସହମତ, ତେଣୁ ମୋତେ ତଥ୍ୟଗୁଡ଼ିକୁ ପୁନର୍ବାର ଉପସ୍ଥାପନ କରିବାର ଆବଶ୍ୟକତା ନାହିଁ ।

କର ମୂଲ୍ୟାଙ୍କନ ବର୍ଷଗୁଡ଼ିକ ହେଲା 1944-1945,1945-1946 ଏବଂ 1946-47 ।ଅନ୍ୟ ଜଣେ ଟିକସଦାତାଙ୍କ ଆବେଦନରେ ଅପିଲିୟ ସହ-ଆୟୁକ୍ତଙ୍କ ନିର୍ଦ୍ଦେଶ ଅନୁଯାୟୀ 1957 ମସିହା

1962

ପି. ଭି. ଗଡବୋଲେ
ବନାମ
ଜଗନ୍ନାଥ ଫକୀରଚାନ୍ଦ

ନ୍ୟାୟମୂର୍ତ୍ତି କପୁର

ଫେବୃଆରୀ 18 ତାରିଖରେ ଆୟକର ଅଧିକାରୀଙ୍କ ଦ୍ୱାରା ଏହି ନୋଟିସ ଜାରି କରାଯାଇଥିଲା । ଏକମାତ୍ର ପ୍ରଶ୍ନ ହେଉଛି ଧାରା 34 ର ଉପ-ଧାରା (3) ର ଦ୍ୱିତୀୟ ପ୍ରାବଧାନ, 1953 ରେ ସଂଶୋଧିତ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ସଂରକ୍ଷଣ କରେ କି?

*ଏସ୍. ସି. ପରାଶର, ଆୟକର ଅଧିକାରୀ ବନାମ ବସନ୍ତସେନ ଦ୍ୱାରକାଦାସ*(1) ମାମଲାରେ ମୋ ଦ୍ୱାରା ଦିଆଯାଇଥିବା କାରଣ ପାଇଁ, ଯେଉଁଥିରେ ଆଜି ରାୟ ପ୍ରଦାନ କରାଯାଇଛି, ମୁଁ ଅପିଲକୁ ଖର୍ଚ୍ଚ ସହିତ ଖାରଜ କରିବି ।

ନ୍ୟାୟମୂର୍ତ୍ତି କପୁର - ଏହା ହେଉଛି ବମ୍ବେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ମଞ୍ଜୁର ହୋଇଥିବା ପ୍ରମାଣପତ୍ର ଉପରେ ସେହି ଉଚ୍ଚ ନ୍ୟାୟାଳୟର ରାୟ ଏବଂ ଆଦେଶ ବିରୁଦ୍ଧରେ ରାଜସ୍ୱ ତରଫରୁ ଅଣାଯାଇଥିବା ଏକ ଆବେଦନ ।

ଡବ୍ଲ୍ୟୁ. ପି. ନଂ. 1400/57ରେ ବର୍ତ୍ତମାନର ଉତ୍ତରଦାତା ଭାରତୀୟ ଆୟକର ଅଧିନିୟମର ଧାରା 34 (1) ଅଧୀନରେ, ଯାହାକୁ ଏହା ପରେ "ଅଧିନିୟମ" କୁହାଯାଏ, ସୂଚନା ଜାରି କରିବାକୁ ଆୟକର ଅଧିକାରିତାଙ୍କ କ୍ଷମତାକୁ ଆପତ୍ତି କରିଥିଲେ । କର ମୂଲ୍ୟାଙ୍କନ ବର୍ଷଗୁଡ଼ିକ ହେଉଛି 1944-45, 1945-46 ଏବଂ 1946-47 ଏବଂ ଅନ୍ୟ ଜଣେ କରଦାତାଙ୍କ ଆବେଦନରେ ଅପିଲିୟ ସହ-ଆୟୁକ୍ତଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଆୟକର ଅଧିକାରୀଙ୍କ ଦ୍ୱାରା 18 ଫେବୃଆରୀ, 1957 ରେ ନୋଟିସ ଜାରି କରାଯାଇଥିଲା ଯେ ଆୟ ହେଉଛି ଏକ ଭାଗିଦାରୀର ଆୟ ଯେଉଁଥିରେ ଉତ୍ତରଦାତା ଏବଂ ଅନ୍ୟ କରଦାତା ଅଂଶୀଦାର ଥିଲେ । ଉଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ଅପିଲିୟ ସହ-ଆୟୁକ୍ତଙ୍କ ସମ୍ମୁଖରେ କାର୍ଯ୍ୟାନୁଷ୍ଠାନରେ ଉତ୍ତରଦାତା ଜଣେ ଅପରିଚିତ ବ୍ୟକ୍ତି ଥିଲେ ଏବଂ ଏହା ଯେ ଅଧିନିୟମର ଧାରା 34 (3) ର ଦ୍ୱିତୀୟ ପ୍ରାବଧାନ, ଯାହା ଅନୁଯାୟୀ ନୋଟିସ ଦିଆଯାଇଥିଲା, ଅସାମ୍ବିଧାନିକ ଥିଲା, କାରଣ ଏହା ସମ୍ବିଧାନର ଅନୁଚ୍ଛେଦ 14କୁ ଉଲଂଘନ କରୁଥିଲା ।

ଆବେଦନଟିର ତଥ୍ୟ ଗୁଡ଼ିକ ହେଲା: ଉତ୍ତରଦାତା ଏକ ହିନ୍ଦୁ ଅବିଭକ୍ତ ପରିବାରର *କର୍ତ୍ତା* ଥିଲେ, ଯିଏ କପା, ଶସ୍ୟ ଏବଂ ଅନ୍ୟାନ୍ୟ ଦ୍ରବ୍ୟରେ ବ୍ୟବସାୟୀ ଏବଂ କମିଶନ ଏଜେଣ୍ଟ ଭାବରେ ବ୍ୟବସାୟ କରିଥିଲେ । ସେହି ହିନ୍ଦୁ ଅବିଭକ୍ତ ପରିବାରକୁ କର ନିର୍ଦ୍ଧାରଣ ବର୍ଷ 1944-45,1945-46 ଏବଂ 1946-47 ପାଇଁ କରଧାର୍ଯ୍ୟ କରାଯାଇଥିଲା । 1949 ମସିହା ମାର୍ଚ୍ଚ 14 ତାରିଖରେ

(1) [1964] Vol. 1 S.C.R. 29

ଆୟକର ଅଧିକାରୀଙ୍କ ଦ୍ୱାରା 1944-45 ବର୍ଷର କର ନିର୍ଦ୍ଧାରଣ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ସେହି କର ନିର୍ଦ୍ଧାରଣ ବିରୋଧରେ ଅପିଲିୟ ସହ-ଆୟୁକ୍ତଙ୍କ ନିକଟରେ ଏକ ଆବେଦନ କରାଯାଇଥିଲା ଏବଂ 9 ଫେବୃଆରୀ, 1956ରେ ନିଷ୍ପତ୍ତି ନିଆଯାଇଥିଲା, ଏବଂ ତା'ପରେ ଆୟକର ଅପିଲ ଟ୍ରିବ୍ୟୁନାଲକୁ ଏକ ଆବେଦନ ନିଆଯାଇଥିଲା, ଯାହା ନିଷ୍ପତ୍ତି ହୋଇନଥିବା ଦର୍ଶାଯାଇଛି । କର ନିର୍ଦ୍ଧାରଣ ବର୍ଷ 1945-46 ଏବଂ 1946-47 ପାଇଁ କରଧାର୍ଯ୍ୟ ଯଥାକ୍ରମେ ମାର୍ଚ୍ଚ ଏବଂ ମେ, 1950 ରେ ସମାପ୍ତ ହୋଇଥିଲା । ଏହି କରନିର୍ଦ୍ଧାରଣ ବିରୁଦ୍ଧରେ ଅପିଲିୟ ସହ-ଆୟୁକ୍ତଙ୍କ ନିକଟରେ ଅପିଲ କରାଯାଇଥିଲା, ଯିଏ ମାମଲାଗୁଡ଼ିକୁ ଆୟକର ଅଧିକାରୀଙ୍କୁ ପଠାଇ ଦେଇଥିଲେ ଏବଂ ସେଗୁଡ଼ିକ ଉପରେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନିଆଯାଇନାହିଁ । କର ନିର୍ଦ୍ଧାରଣ ବର୍ଷ 1946-47 ସମ୍ବନ୍ଧରେ ଧାରା 34 (1) ଅନୁଯାୟୀ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା ଏବଂ ସେହି ମାମଲାରେ ଆଦେଶ 6 ମାର୍ଚ୍ଚ,1956 ରେ ପାରିତ ହୋଇଥିଲା । ସେହି ଆଦେଶ ବିରୁଦ୍ଧରେ ଅପିଲିୟ ସହ-ଆୟୁକ୍ତଙ୍କ ନିକଟରେ ଏକ ଆବେଦନ କରାଯାଇଥିଲା, ଯାହା ଏପର୍ଯ୍ୟନ୍ତ ବିଚାରାଧୀନ ଅଛି । ଏହା ଜଣାପଡେ ଯେ କର ନିର୍ଦ୍ଧାରଣ ବର୍ଷ 1945-46 ପାଇଁ ଅଧିନିୟମର 34 (1) ଅନୁଯାୟୀ କୌଣସି ବିଜ୍ଞପ୍ତି ଜାରି କରାଯାଇ ନଥିଲା ।

1946 ମସିହାରେ ହିନ୍ଦୁ ଅବିଭକ୍ତ ପରିବାର ତରଫରୁ ଉତ୍ତରଦାତା ଜଣେ ଜଗନ୍ନାଥ ରାମକିଶନଙ୍କ ବିରୋଧରେ ଏକ ମକଦ୍ଦମା ଦାୟର କରିଥିଲେ, ଯେଉଁଥିରେ ସେ ଉତ୍ତରଦାତାର *ମୁନିମ* ଭାବେ ହିସାବ ପ୍ରଦାନ କରିଥିଲେ । ତାଙ୍କ ସମର୍ଥନରେ ଯୁକ୍ତି ଥିଲା ଯେ ସେ ଜଣେ ଅଂଶୀଦାର ଥିଲେ ଏବଂ *ମୁନିମ* ନୁହଁନ୍ତି, ଯାହା ଗ୍ରହଣ କରାଯାଇଥିଲା ଏବଂ ମକଦ୍ଦମା ଖାରଜ ହୋଇଥିଲା । ଏହି ଡିକ୍ରି ବିରୋଧରେ ଏକ ଆବେଦନ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଖାରଜ ହୋଇଥିଲା । ଆବେଦନ ବିଚାରାଧୀନ ଥିବା ସମୟରେ ଜଗନ୍ନାଥ ରାମକିଶନଙ୍କ ମୃତ୍ୟୁ ହୋଇଥିଲା ଏବଂ ତାଙ୍କ ବିଧବା ପତ୍ନୀ କଳାବତୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା । ଇତି ମଧ୍ୟରେ ବ୍ୟବସାୟ ସମ୍ବନ୍ଧରେ କର ନିର୍ଦ୍ଧାରଣ ବର୍ଷ 1944-45, 1945-46 ଏବଂ 1946-47 ପାଇଁ କଳାବତୀବାଈଙ୍କ ବିରୋଧରେ ଅଧିନିୟମର ଧାରା 34 (1) (a) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା, ଯେଉଁଥିରେ ଉତ୍ତରଦାତାଙ୍କ ହିନ୍ଦୁ ଅବିଭକ୍ତ ପରିବାର ଏବଂ ତାଙ୍କ ଭାଗିଦାରୀ ବ୍ୟବସାୟରେ ତାଙ୍କ ସ୍ୱାମୀ ଜଗନ୍ନାଥ ରାମକିଶନ ଅଂଶୀଦାର ଥିଲେ ବୋଲି ଦାବି କରିଥିଲେ । ସେହି ବର୍ଷଗୁଡ଼ିକ ପାଇଁ ଆୟକର ଅଧିକାରୀଙ୍କ ଦ୍ୱାରା ଦୁଇଟି ଆଦେଶ ପାରିତ ହୋଇଥିଲା । କଳାବତୀବାଈ ସେହି ଆଦେଶଗୁଡ଼ିକ ବିରୁଦ୍ଧରେ ଆବେଦନ ଦାୟର କରିଥିଲେ ଏବଂ 1956 ମସିହା ଅକ୍ଟୋବର 10 ତାରିଖରେ ଅପିଲିୟ

ସହ-ଆୟୁକ୍ତ ସେହି ଆବେଦନଗୁଡ଼ିକୁ ଅନୁମତି ଦେଇ ଏକ ସିଦ୍ଧାନ୍ତ ପ୍ରଦାନ କରିଥିଲେ ଯେ ଜଗନ୍ନାଥ ରାମକିଶନଙ୍କ ଦ୍ୱାରା ଦାବି କରାଯାଇଥିବା ବ୍ୟବସାୟ ଭାଗିଦାରୀର ଥିଲା ଏବଂ ଆୟକର ଅଧିକାରୀ ଧାରା 34ର ବ୍ୟବସ୍ଥା ଅନୁଯାୟୀ ଉକ୍ତ ଭାଗିଦାରୀ ଉପରେ ଏବଂ କର ନିର୍ଦ୍ଧାରଣ ବର୍ଷ 1944-45, 1945-46 ଏବଂ 1946-47 ପାଇଁ ଉତ୍ତରଦାତାଙ୍କ ଉପରେ ମଧ୍ୟ କରଧାର୍ଯ୍ୟ କରିବା ପାଇଁ ଅଧିକୃତ ଥିଲେ । ଏହା ପରେ 18 ଫେବୃଆରୀ 1957 ରେ ମେସର୍ସ ଜଗନ୍ନାଥ ଫକିରଚାନ୍ଦ ଏବଂ ଜଗନ୍ନାଥ ରାମକିଶନଙ୍କ ବିରୋଧରେ ତିନୋଟି କର ମୂଲ୍ୟାଙ୍କନ ବର୍ଷ ସମ୍ବନ୍ଧରେ ଏକ ନୋଟିସ୍ ଜାରି କରାଯାଇଥିଲା । ଏହି ନୋଟିସଗୁଡ଼ିକୁ ଆପତ୍ତି କରାଯାଇଥିଲା ଏବଂ ବେଆଇନ ବୋଲି ଧରାଯାଇଥିଲା । ଉଚ୍ଚ ନ୍ୟାୟାଳୟର ସେହି ଆଦେଶ ବିରୁଦ୍ଧରେ ଏହି ଆବେଦନ ସମ୍ବିଧାନର ଅନୁଚ୍ଛେଦ 132 (1) ଏବଂ ଅନୁଚ୍ଛେଦ 133 (1) (b) ଅନୁଯାୟୀ ଉଚ୍ଚ ନ୍ୟାୟାଳୟର ପ୍ରମାଣପତ୍ର ଉପରେ ଅଣାଯାଇଛି ।

ଆଜି ରାୟ ପ୍ରଦାନ କରାଯାଇଥିବା *ଏସ୍. ସି. ପରାଶର, ଆୟକର ଅଧିକାରୀ ବନାମ ବସନ୍ତସେନ ଦ୍ୱାରକାଦାସ(1)* ମାମଲାରେ ଦିଆଯାଇଥିବା କାରଣ ପାଇଁ, ଏହି ଆବେଦନକୁ ବ୍ୟୟ ସହିତ ଖାରଜ କରାଯାଇଛି ।

ନ୍ୟାୟମୂର୍ତ୍ତି ସରକାର - ଏହି ମାମଲା ତିନୋଟି କର ନିର୍ଦ୍ଧାରଣ ବର୍ଷ 1944-45, 1945-46 ଏବଂ 1946-47 ସହିତ ଜଡିତ । କରଦାତା ହେଉଛନ୍ତି ଉତ୍ତରଦାତା ଜଗନ୍ନାଥ ଫକିରଚାନ୍ଦ, ଏକ ହିନ୍ଦୁ ଅବିଭାଜିତ ପରିବାରର କର୍ତ୍ତା, ଯାହାଙ୍କୁ 1944-45 ରୁ 1946-48 ବର୍ଷ ପାଇଁ କରଧାର୍ଯ୍ୟ କରାଯାଇଥିଲା, ଏବଂ ଏହି ବର୍ଷଗୁଡ଼ିକ ସମ୍ବନ୍ଧରେ କରନିର୍ଦ୍ଧାରଣ ଆଦେଶରୁ ଉତ୍ପନ୍ନ ଆବେଦନ ଗୁଡିକ ବିଚାରାଧୀନ ଥିଲା ।

କେତେକ ନିର୍ଦ୍ଦିଷ୍ଟ ନେଣଦେଣର ହିସାବ ପାଇଁ 1946 ମସିହାରେ ଜଣେ ପୂର୍ବତନ କର୍ମଚାରୀ ଜଗନ୍ନାଥ ରାମକିଶନଙ୍କ ବିରୋଧରେ କରଦାତା ଏକ ମକଦ୍ଦମା ଦାୟର କରିଥିଲେ । ଜଗନ୍ନାଥ ରାମକିଶନ ଯୁକ୍ତି ବାଢ଼ିଥିଲେ ଯେ ସେ ଜଣେ କର୍ମଚାରୀ ନଥିଲେ, ବରଂ ଏହି କାରବାର ତାଙ୍କ ଏବଂ କରଦାତାର ଭାଗିଦାରୀରେ ଚାଲିଥିବା ଏକ ବ୍ୟବସାୟର କାରବାର ଥିଲା । ବିଚାର କରୁଥିବା ନ୍ୟାୟାଳୟ ଜଗନ୍ନାଥ ରାମକିଶନଙ୍କ ଯୁକ୍ତିକୁ କାଏମ ରଖିଥିଲେ । ବିଚାର କରୁଥିବା ନ୍ୟାୟାଳୟର ନିର୍ଣ୍ଣୟ ବିରୁଦ୍ଧରେ କରଦାତା ବମ୍ବେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ, କିନ୍ତୁ ଇତି ମଧ୍ୟରେ

(1) [1964] Vol. 1 S.C.R. 29

ଜଗନ୍ନାଥ ରାମକିଶନଙ୍କ ମୃତ୍ୟୁ ଘଟିଥିଲା ଏବଂ ସେହି ଆବେଦନରେ ତାଙ୍କ ସ୍ଥାନରେ ତାଙ୍କ ପତ୍ନୀ କଳାବତୀବାଈଙ୍କୁ ପ୍ରତିସ୍ଥାପିତ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରିଥିଲେ କିନ୍ତୁ ଜଗନ୍ନାଥ ରାମକିଶନ ଜଣେ ଅଂଶୀଦାର ଥିଲେ କି ନାହିଁ ସେ ବିଷୟରେ କିଛି କହି ନଥିଲେ ।

ପୂର୍ବ ଅନୁଚ୍ଛେଦରେ ଉଲ୍ଲିଖିତ ଆବେଦନରେ ନିର୍ଣ୍ଣୟକୁ ଦୃଷ୍ଟିରେ ରଖି, ରାଜସ୍ୱ କର୍ତ୍ତୃପକ୍ଷ କଳାବତୀବାଈଙ୍କ ବିରୋଧରେ ଆୟକର ଅଧିନିୟମ 34 (1) (ଏ) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ ଏବଂ ଉକ୍ତ କାରବାରରୁ ଆଦାୟ ହୋଇଥିବା ଉପରୋକ୍ତ ତିନି ବର୍ଷର ସମଗ୍ର ଆୟ ଉପରେ ତାଙ୍କୁ କରଧାର୍ଯ୍ୟ କରିଥିଲେ । କଳାବତୀବାଈ ସେତେବେଳେ ଏହି କରଧାର୍ଯ୍ୟ ଉପରେ ଆବେଦନ କରିଥିଲେ ଏବଂ ଆବେଦନରେ ସେ ଯୁକ୍ତି କରିଥିଲେ ଯେ ତାଙ୍କ ସ୍ୱାମୀଙ୍କ ସମ୍ପତ୍ତି ସମଗ୍ର ଆୟ ଉପରେ ଟିକସ ପାଇଁ ଉତ୍ତରଦାୟୀ ନୁହେଁ କାରଣ ଆୟ ଏକ ଫାର୍ମର ଥିଲା ଯେଉଁଥିରେ ତାଙ୍କ ସ୍ୱାମୀ କେବଳ ଜଣେ ଅଂଶୀଦାର ଥିଲେ । ଅପିଲିୟ ସହ-ଆୟୁକ୍ତ କଳାବତୀବାଈଙ୍କ ଏହି ଯୁକ୍ତିକୁ ଗ୍ରହଣ କରିଥିଲେ ଏବଂ କହିଥିଲେ: "ମୋ ନିର୍ଣ୍ଣୟକୁ ଦୃଷ୍ଟିରେ ରଖି...............ଯେ ବ୍ୟବସାୟଟି ଭାଗିଦାରୀର ଥିଲା.............. ଆୟକର ଅଧିକାରୀ ଏତଦ୍ୱାରା ଉକ୍ତ ଭାଗିଦାରୀ ଉପରେ ଧାରା 34ର ବ୍ୟବସ୍ଥା ଅନୁଯାୟୀ ଏବଂ ଅନ୍ୟ ଅଂଶୀଦାର ଶ୍ରୀ ଜଗନ୍ନାଥ ଫକିରଚାନ୍ଦଙ୍କ ଉପରେ ମଧ୍ୟ ମୂଲ୍ୟାଙ୍କନ ବର୍ଷ 1944-45, 1945-46 ଏବଂ 1946-47 ପାଇଁ ମୂଲ୍ୟାଙ୍କନ କରିବାକୁ ଅଧିକୃତ ଅଟନ୍ତି ।"

ଏହି ଆଦେଶ ଅନୁସରଣରେ ଆୟକର ଅଧିକାରୀ ଆୟକର ଅଧିନିୟମ, 1922ର ଧାରା 34 (3) ଅନୁଯାୟୀ 1947 ମସିହା ଫେବୃଆରୀ 18 ତାରିଖରେ ଏକ ନୋଟିସ ଜାରି କରି ଟିକସଦାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ, ଯେଉଁଥିରେ ଉକ୍ତ ତିନୋଟି ଆକଳନ ବର୍ଷ ସମ୍ବନ୍ଧରେ ରିଟର୍ଣ୍ଣ ଦାଖଲ କରିବାକୁ ତାଙ୍କୁ କୁହାଯାଇଥିଲା, କାରଣ ସେହି ଆୟ ମୂଲ୍ୟାଙ୍କନରୁ ବର୍ତ୍ତି ଯାଇଥିଲା । ଏହା ପରେ କରଦାତା ଉପରୋକ୍ତ ନୋଟିସକୁ ରଦ୍ଦ କରିବା ଏବଂ ଏହା ଅଧୀନରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ନିଷେଧ କରିବା ପାଇଁ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ । ସେଥିପାଇଁ ଏହି ଆବେଦନ କରାଯାଇଛି ।

1962

ପି. ଭି. ଗଡବୋଲେ
ବନାମ
ଜଗନ୍ନାଥ ଫକୀରଚାନ୍ଦ

ନ୍ୟାୟମୂର୍ତ୍ତି ସରକାର

ଏହି ଆବେଦନରେ ଏକମାତ୍ର ପ୍ରଶ୍ନ ହେଉଛି 1953 ରେ ସଂଶୋଧିତ ହୋଇଥିବା ଆୟକର ଅଧିନିୟମ, 1922 ର ଧାରା 34 (3) ର ଦ୍ୱିତୀୟ ପ୍ରାବଧାନ, ଆକ୍ଷେପିତ କାର୍ଯ୍ୟାନୁଷ୍ଠାନକୁ ବଞ୍ଚାଇପାରିବ କି? *ଆୟକର ଆୟୁକ୍ତ, ବିହାର ଏବଂ ଓଡ଼ିଶା ବନାମ ସର୍ଦ୍ଦାର ଲଖମୀର ସିଂହ* ([1]) ମାମଲାରେ ମୋ ରାୟରେ ଉଲ୍ଲେଖ କରାଯାଇଥିବା କାରଣଗୁଡ଼ିକ ପାଇଁ ମୁଁ ଭାବୁଛି ଯେ ସେହି ପ୍ରାବଧାନ ସମ୍ବିଧାନର ଅନୁଚ୍ଛେଦ 14କୁ ଉଲ୍ଲଙ୍ଘନ କରୁଥିବା ହେତୁ ଅବୈଧ ଏବଂ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ କୌଣସି ସୁରକ୍ଷା ପ୍ରଦାନ କରେ ନାହିଁ । ଏହା ମଧ୍ୟ କୁହାଯାଇପାରେ ଯେ, ଯେଉଁ କାର୍ଯ୍ୟାନୁଷ୍ଠାନରେ ଟିକସଦାତା ପକ୍ଷଭୁକ୍ତ ନଥିଲେ, ସେହି କାର୍ଯ୍ୟାନୁଷ୍ଠାନରେ ଧାରା 31 ଅନୁଯାୟୀ ଏକ ଆଦେଶର ପରିଣାମ ସ୍ୱରୂପ ଏହି ଆକ୍ଷେପିତ ବିଜ୍ଞପ୍ତି ଜାରି କରାଯାଇଥିଲା ।

ଫଳସ୍ୱରୂପ, ବ୍ୟୟ ସହିତ ଆବେଦନକୁ ଖାରଜ କରିଦିଆଯାଉଛି ।

ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲା ଏବଂ ନ୍ୟାୟମୂର୍ତ୍ତି ରଘୁବର ଦୟାଲଙ୍କ ରାୟ ପାଇଁ *ଏସ୍. ସି. ପରାଶର, ଆୟକର ଅଧିକାରୀ ବନାମ ବସନ୍ତସେନ ଦ୍ୱାରକାଦାସ,* ante p. 29 ଦେଖନ୍ତୁ ।

ନ୍ୟାୟାଳୟ ଦ୍ୱାରା : ସଂଖ୍ୟାଗରିଷ୍ଠଙ୍କ ମତ ଅନୁଯାୟୀ, ଏହି ଆବେଦନକୁ ଖର୍ଚ୍ଚ ସହିତ ଖାରଜ କରାଯାଉଛି ।

*ଆବେଦନ ଖାରଜ ହେଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।

([1]) [1964] Vol. 1 S.C.R. 148